# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**13 July – 2025**

**News Editor : Tapan Kumar Moharana**

**********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବେ

- ୮ ଜଣ ଅଭିଜ୍ଞ ଡାକ୍ତରୀ ଦଳ ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀଙ୍କ ସ୍ୱାସ୍ଥ୍ୟର କରୁଛନ୍ତି ଚିକିତ୍ସା

— ଘଟଣାର ତଦନ୍ତ ଆରମ୍ଭ କଲେ ୩ ଜଣିଆ କମିଟି

- ଶିଶୁ ଅଧିକାର ଓ କଲ୍ୟାଣକୁ ସୁନିଶ୍ଚିତ କରିବା ଲାଗି ରାଜ୍ୟରେ ଚାଲିଛି ଅର୍ଫାନ୍ ସର୍ଭେ କାର୍ଯ୍ୟକ୍ରମ

ଏବଂ

- ଆସନ୍ତା ୨୪ ଘଣ୍ଟାରେ ବଜ୍ରପାତ ସହ ପ୍ରବଳ ବର୍ଷାନେଇ ୨୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

## ରାଷ୍ଟ୍ରପତି-ଏମ୍ସ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଠାରୁ ଦୁଇଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ଭୁବନେଶ୍ୱର ଏବଂ କଟକର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ଆସନ୍ତାକାଲି ଅପରାହ୍ନରେ ରାଷ୍ଟ୍ରପତି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ-ଏମ୍ସର ପଞ୍ଚମ ସମାବର୍ତ୍ତନ ସମାରୋହରେ ଅଂଶଗ୍ରହଣ କରିବେ। ରାଷ୍ଟ୍ରପତି ମୁର୍ମୁ ଚଳିତବର୍ଷ ୬୪୩ ଜଣ ସ୍ୱାସ୍ଥ୍ୟସେବା ବୃତ୍ତିଧାରୀଙ୍କୁ ଡିଗ୍ରୀ ପ୍ରଦାନ କରିବେ। ଏହାସହ ୩୧ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବରିଷ୍ଠ ନେତୃମଣ୍ଡଳୀ ଉପସ୍ଥିତ ରହିବେ ବୋଲି ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଆଶୁତୋଷ ବିଶ୍ୱାସ ସୂଚନା ଦେଇଛନ୍ତି । ମଙ୍ଗଳବାର ପୂର୍ବାହ୍ନରେ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଅତିଥି ଭାବରେ ଯୋଗଦାନ କରିବା ସହ ରାଷ୍ଟ୍ରପତି ରେଭେନ୍ସା ବାଳିକା ଉଚ୍ଚବିଦ୍ୟାଳୟର ୩ଟି ଅଟ୍ଟାଳିକାର ପୁର୍ନବିକାଶ ପ୍ରକଳ୍ପର ଶିଳାନ୍ୟାସ କରିବେ। ଏହାପରେ ଆଦିକବି ସାରଳା ଦାସଙ୍କ ଜନ୍ମବାର୍ଷିକୀ ସମାରୋହରେ ଯୋଗଦେବା ସହ କଳିଙ୍ଗ ରତ୍ନ ପୁରସ୍କାର-୨୦୨୪ ପ୍ରଦାନ କରିବାର କାର୍ଯ୍ୟସୂଚୀ ରହିଛି ।

## ଫକୀରମୋହନ ଛାତ୍ରୀ ଆତ୍ମାହୂତି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର-ଏମ୍ସ୍ଠାରେ ପହଞ୍ଚି ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ

କରିଛନ୍ତି। ମୁଖ୍ୟମନ୍ତ୍ରୀ ପୀଡିତା ଛାତ୍ରୀଙ୍କ ଚିକିତ୍ସା ସମ୍ପର୍କରେ ଏମ୍ସ୍‌ର ନିର୍ଦ୍ଦେଶକ ଏବଂ ଚିକିତ୍ସା କରୁଥିବା ଡାକ୍ତରୀଦଳ ସହ ଆଲୋଚନା କରିଛନ୍ତି। ଏମ୍ସ୍‌ରେ ୮ ଜଣ ଅଭିଜ୍ଞ ଡାକ୍ତରଙ୍କୁ ନେଇ ଏକ ବିଶେଷଜ୍ଞ କମିଟି ପୀଡିତାଙ୍କ ଚିକିତ୍ସା କରୁଛନ୍ତି। ପୀଡିତା ଛାତ୍ରୀ ଜଣଙ୍କର ଅତ୍ୟନ୍ତ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସା ଜାରି ରହିଥିବା ଏମ୍ସ୍ କର୍ତ୍ତୃପକ୍ଷ କହିଛନ୍ତି। ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଏମ୍ସ୍‌ର **ଡାକ୍ତର ସଞ୍ଜୟ ଗିରି** କହିଛନ୍ତି...

# - V/O -

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଘଟଣାର ତଦନ୍ତ ଆରମ୍ଭ ହୋଇଛି। ରିପୋର୍ଟ ଆସିବା ପରେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ବିଧାୟକ ବାବୁ ସିଂ ଭୁବନେଶ୍ୱର ଏମ୍ସରେ ପହଞ୍ଚି ପୀଡିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ଛାତ୍ରୀଙ୍କୁ ସମସ୍ତ ପ୍ରକାର ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ବିଶେଷଜ୍ଞଦଳ ଚିକିତ୍ସା ଜାରି ରଖିଛନ୍ତି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଟିମ୍ ଆଜି ବାଲେଶ୍ୱରରେ ପହଞ୍ଚି ତଦନ୍ତ କରୁଛନ୍ତି। ଘଟଣାକୁ ନେଇ ସମ୍ପୃକ୍ତ କଲେଜର ଅଧ୍ୟକ୍ଷ ଏବଂ ବିଭାଗୀୟ ମୁଖ୍ୟଙ୍କୁ

ତଦନ୍ତକାରୀ ଦଳ ପଚରାଉଚରା କରିଛନ୍ତି। ଏହି ସମ୍ବେଦନଶୀଳ ଘଟଣାରେ ଜାତୀୟ ମହିଳା କମିଶନ-ଏନ୍‌ସିଡବ୍ଲ୍ୟୁ ନିଜ ଆଡୁ ହସ୍ତକ୍ଷେପ କରିଛନ୍ତି। ସରକାର ଏହି ଘଟଣାରେ କଲେଜ ଅଧକ୍ଷ ଏବଂ ସମ୍ପୃକ୍ତ ବିଭାଗୀୟ ମୁଖ୍ୟଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି।

## ଅର୍ଫାନ୍ ସର୍ଭେ-୨୦୨୫

ଶିଶୁ ଅଧିକାର ଓ କଲ୍ୟାଣକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଅର୍ଫାନ ସର୍ଭେ-୨୦୨୫ କାର୍ଯ୍ୟ ଚାଲୁ ରହିଛି। ଯଶୋଦା ଯୋଜନା ଅଧୀନରେ ମହିଳା ଓ ଶିଶୁବିକାଶ ବିଭାଗ ଦ୍ୱାରା ପ୍ରତି ୪ ବର୍ଷରେ ଥରେ ସାରା ରାଜ୍ୟରେ ଏହି ସର୍ଭେ କାର୍ଯ୍ୟ କରାଯାଇଥାଏ। ଏଥିପାଇଁ ଜିଲ୍ଲାଗୁଡ଼ିକୁ ମାର୍ଗଦର୍ଶିକା ଜାରି କରାଯାଇଛି। ଜିଲ୍ଲାସ୍ତରରେ ମାଷ୍ଟର ଟ୍ରେନ୍‌ରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନର ବ୍ୟବସ୍ଥା କରାଯାଇଛି। ଗତ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ସର୍ଭେ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସର୍ଭେ ଆଧାରିତ ତଥ୍ୟ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌କୁ ପ୍ରଦାନ କରାଯିବ। ଗତ ଜୁନ୍ ପହିଲା ସୁଦ୍ଧା ଜନ୍ମରୁ ୧୮ ବର୍ଷ ବୟସ ଯାଏଁ ଶିଶୁ ଓ ନାବାଳକଙ୍କୁ ଏହି ସର୍ଭେରେ ସାମିଲ କରାଯାଇଛି। ପରବର୍ତ୍ତୀ ସମୟରେ ଚିହ୍ନଟଙ୍କ ପାଇଁ ଆବଶ୍ୟକ ଯତ୍ନ, ସୁରକ୍ଷା ଓ ଥଇଥାନ କରାଯିବ।

## ବାର୍ଡ ଫ୍ଲୁ

ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକରେ ଦେଖାଦେଇଥିବା ବାର୍ଡ ଫ୍ଲୁ ପ୍ରଭାବିତ ଅଂଚଳଗୁଡ଼ିକୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ୍ ଆଜି ଗସ୍ତ କରି ସ୍ଥିତର ସମୀକ୍ଷା କରିଛନ୍ତି। ଡେଲାଙ୍ଗ ବ୍ଲକ୍ର କୋଠବାଡ଼ ଗ୍ରାମପଂଚାୟତ ଗସ୍ତ କରି ସେଠାରେ ଦେଖାଦେଇଥିବା ବାର୍ଡ ଫ୍ଲୁର ସମସ୍ୟା ଓ କୁକୁଡା ଚାଷୀଙ୍କ କ୍ଷତିପୂରଣ ପ୍ରଦାନ କରାଯିବା ନେଇ ଆଲୋଚନା କରିଥିଲେ। ଏପର୍ଯ୍ୟନ୍ତ ପ୍ରାୟ ୬ ହଜାର ୭୩୧ଟି କୁକୁଡାଙ୍କୁ ନଷ୍ଟ କରାଯାଇଥିବା ଜଣାପଡିଛି। ୫ଟି ଦଳଙ୍କ ଦ୍ୱାରା ଏହି କାର୍ଯ୍ୟ ସମ୍ପନ୍ନ ହୋଇଛି। ବାର୍ଡ ଫ୍ଲୁ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟ ନେଇ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ତେବେ ଏପର୍ଯ୍ୟନ୍ତ ଫ୍ଲୁଜନିତ ଭୂତାଣୁ ସଂକ୍ରମଣ ହୋଇ ନଥିବା ଜଣାପଡିଛି।

## ବିଏଡ୍-ପ୍ରବେଶିକା ପରୀକ୍ଷା

ରାଷ୍ଟ୍ରୀୟ ଶିକ୍ଷା ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ-ଏନ.ସି.ଇ.ଆର.ଟି ପକ୍ଷରୁ ବିଏଡ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ଏକକ ପ୍ରବେଶିକା ପରୀକ୍ଷା ଆଜି ଅନୁଷ୍ଠିତ ହୋଇଛି। କମ୍ପ୍ୟୁଟର ସିବିଟି ମାଧ୍ୟମରେ ଅନୁଷ୍ଠିତ ହେଉଥିବା ଏହି ପରୀକ୍ଷା ପାଇଁ ସମଗ୍ର ଦେଶରେ ୮୦ଟି ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଇଥିଲା। ଓଡ଼ିଶାର ୪୪ଟି ପରୀକ୍ଷା କେନ୍ଦ୍ରରେ ୨୨ ହଜାରରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ଏନ୍‌ସିଇଆରଟି ପକ୍ଷରୁ ସୂଚନା ଦିଆଯାଇଛି।

## ପତ୍ରମାଧ୍ୟମ ଶିକ୍ଷା - ନାମଲେଖା

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ପତ୍ରମାଧ୍ୟମ ଶିକ୍ଷା ପାଠ୍ୟକ୍ରମ ୨୦୨୫-୨୬ ବର୍ଷରେ ନାମ ଲେଖାଇବାପାଇଁ ଆସନ୍ତାକାଲିଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ । ଏହି ପାଠ୍ୟକ୍ରମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେଉଛି ।

## ଝାଡାବାନ୍ତି

କଟକ ରେଭେନ୍‌ସା ବିଶ୍ୱବିଦ୍ୟାଳୟ ପିଜି ହଷ୍ଟେଲର କେତେକ ଛାତ୍ର ଝାଡାବାନ୍ତିରେ ଅସୁସ୍ଥ ହୋଇ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କଟକ ଏସ୍‌ସିବି ମେଡିକାଲ ଗସ୍ତ କରି ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଚିକିତ୍ସାଧିନ ଛାତ୍ରଙ୍କୁ ସମସ୍ତ ପ୍ରକାର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ଡକ୍ଟର ମହାଲିଙ୍ଗ ପରାମର୍ଶ ଦେଇଛନ୍ତି। ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ରେଭେନ୍‌ସା ବିଶ୍ୱବିଦ୍ୟାଳୟରେ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

## ଏନ୍‌ସିସି କ୍ୟାମ୍ପ୍

**ନବରଙ୍ଗପୁର**ଠାରେ ତ୍ରୟୋଦଶ ଏନ୍‌ସିସି ବାଟାଲିୟନ୍  ଶିବିର ଆରମ୍ଭ ହୋଇଛି। ଶିବିରରେ ନବରଙ୍ଗପୁର ଜିଲ୍ଲା ସମେତ ୮ଟି ଜିଲ୍ଲାରୁ ୪୯୫ ଜଣ ଛାତ୍ରଛାତ୍ରୀ ଭାଗ ନେଇଛନ୍ତି।  କର୍ଣ୍ଣେଲ ସୁନୀଲ କୁମାର ଓ ସୁବେଦାର ମେଜର କେଦାରନାଥ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ଜୀବନଶୈଳୀ ଆପଣେଇବା ଏବଂ

କର୍ତ୍ତବ୍ୟବୋଧକୁ ଦେଶ ଓ ଜାତି ଉଦ୍ଦେଶ୍ୟରେ ଜାଗ୍ରତ କରିବା ପାଇଁ ପ୍ରଶିକ୍ଷଣ ଦିଆଯାଉଛି । ଏହି ପ୍ରଶିକ୍ଷଣ ଶିବିର ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ ।

## କୃଷି ଡିଲର ବୈଠକ

ଜୈବିକ କୃଷି ମାଧ୍ୟମରେ କୃଷି ଉତ୍ପାଦନ ବୃଦ୍ଧି ବିଷୟକୁ ନେଇ କଟକ ବାଦାମବାଡ଼ିଠାରେ କୃଷି ଡିଲର ଓ ଅଂଶୀଦାରମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ 'ଜୈବିକ କୃଷିକୁ ନେଇ ଭବିଷ୍ୟତ ସମ୍ଭାବନା', ରାସାୟନିକ କୀଟନାଶକ ନିର୍ଭରଶୀଳତା ହ୍ରାସ ଓ ସ୍ଥାୟୀ କୃଷି ନିବେଶ ସମାଧାନ ଆଦି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ସମ୍ମିଳନୀରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୧୫୦ ରୁ ଅଧିକ ପ୍ରମୁଖ କୃଷି ଡିଲର ଓ ଅଂଶୀଦାରମାନେ ଅଂଶଗ୍ରହଣ କରିଥିଲେ ।

## ସ୍ୱଚ୍ଛ ଭାରତ ମିଶନ

ସ୍ୱଚ୍ଛ ଭାରତ ମିଶନ ଅଧୀନରେ ସର୍ବଭାରତୀୟ ସ୍ତରରେ ଗଞ୍ଜାମ ଜିଲ୍ଲାର ଆସକା ଏନ୍‌ଏସି ସ୍ୱଚ୍ଛ ସହର ରୂପେ ଶୀର୍ଷ ସ୍ଥାନ ହାସଲ କରିଛି । ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଆସନ୍ତାକାଲି ୧୭ ତାରିଖରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଏହି ପୁରସ୍କାର ପ୍ରଦାନ କରିବେ ।

## ଯୁବ ଲେଖକ ସମାବେଶ

**ବଲାଙ୍ଗିର** ସାମ୍ବାଦିକ ଭବନଠାରେ 'ସୃଜନସଳିତା-ନବନିତା' ପକ୍ଷରୁ ଯୁବଲେଖକ ସମାବେଶ-ପଲ୍ଲବନ୍ ଅନୁଷ୍ଠିତ ହୋଇଯାଇଛି । ସାଂସଦ ପ୍ରଦୀପ ପୁରୋହିତ ଯୋଗଦେଇ ସାହିତ୍ୟ ସମାଜକୁ ଉତ୍ତମ ଦିଗ୍‌ଦର୍ଶନ ଦେବାରେ

ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ବୋଲି କହିଛନ୍ତି। 'ସାହିତ୍ୟ ଆସନ୍ତାକାଲିର ଆହ୍ୱାନ ଓ ସମ୍ଭାବନା' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ଲେଖକଙ୍କ ଦ୍ୱାରା ରଚିତ ଗଳ୍ପ ଓ କବିତା ପୁସ୍ତକ ଉନ୍ମୋଚିତ ହେବା ସହ ନୂଆ ପିଢ଼ିର ଉପସ୍ଥିତ କବି ଓ ଲେଖକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ସମୀକ୍ଷା

**ରାୟଗଡ଼ା** ଜିଲ୍ଲାରେ  କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କେନ୍ଦ୍ରୀୟ ଯୋଜନାର ଏକ ଜାତୀୟ ସ୍ତରୀୟ ତଦାରଖ କମିଟି ସମୀକ୍ଷା କରିଛନ୍ତି। ଏହି ଦୁଇଜଣିଆ କମିଟି ଆଜି ମୁନିଗୁଡ଼ା ବ୍ଲକ୍ ଅନ୍ତର୍ଗତ କୁମୁଡାବାଲି ପଂଚାୟତ ପରିଦର୍ଶନରେ ଯାଇଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା, ନରେଗା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜାତୀୟ ପେନ୍‌ସନ୍ ଯୋଜନା ଆଦିର କାର୍ଯ୍ୟାନ୍ୱୟନ ସମ୍ପର୍କରେ ହିତାଧିକାରୀଙ୍କଠାରୁ ମତ ସଂଗ୍ରହ କରିଛନ୍ତି।

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହୋଇଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ପ୍ରବଳ ବର୍ଷା ନେଇ ୨୪ଟି ଜିଲ୍ଲାକୁ ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ତେବେ ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି।

ହୀରାକୁଦ ଜଳଭଣ୍ଡାରରେ ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୦୬ ଦଶମିକ ୬ ଫୁଟ ରହିଛି । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୬୭ ହଜାର ୫୫୪ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୧ ଲକ୍ଷ ୫୩ ହଜାର ୯୪୧ ଘନଫୁଟ ଜଳ ୮ଟି ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ନିଷ୍କାସିତ ହେଉଛି ।

*********************************